## ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହୀ ମୃତ

ଯୋଡ଼ା(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ୫୨୦ ନଂ. ଜାତୀୟ ରାଜପଥର କଣ୍ଡରା ପେଟ୍ରୋଲ ପମ୍ପ ନିକଟରେ ବୁଧବାର ଏକ ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବଡ଼ବିଲ ମହାନ୍ତ ବସ୍ତିରେ ରହୁଥିବା ତାପସ ବାରିକ(୫୦)। ସେ ତାଙ୍କ ବାଇକ ଯୋଗେ ରିମୁଲିରୁ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଯୋଡ଼ାସ୍ଥିତ ଟାଟା ଷ୍ଟିଲ୍ ଡାକ୍ତରଖାନାରେ ରଖି ତଦନ୍ତ କରୁଛି।

**କେନ୍ଦୁଝର**

## ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡ
### ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର,୭।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ଏକ ବଳାତ୍କାର ମାମଲାର ଶୁଣାଣି ହୋଇଛି। ବିଚାରପତି ବିଜୟ ମିଶ୍ର ଦୋଷୀଙ୍କୁ ୨୦ ବର୍ଷ ଦେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ଆଇନ ସେବା ପ୍ରାଧିକରଣ ପକ୍ଷରୁ ୫ ଲକ୍ଷ ଅନୁକମ୍ପା ରାଶି ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ମାମଲା ବିବରଣୀ ଅନୁଯାୟୀ, ୨୦୨୧ ଜୁନ୍ ୧୫ ତାରିଖରେ ନାବାଳିକାଙ୍କୁ ଦୈତାରୀ ଥାନା ଅନ୍ତର୍ଗତ ନୂଆବେଡ଼ା ଗ୍ରାମର ବିଜୟ ବାରିକ (୨୧) ଅପହରଣ କରି ନେଇ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଦୈତାରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ ୪୪/୨୧) ରୁଜୁ କରି ପୀଡ଼ିତାକୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ଶୁଣାଇଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି।

# ରଙ୍ଗିନ କୋବିର ଆଦର ବଢୁଛି



### ଚାଷୀଙ୍କ ମୁହଁରୁ...



ଚଳିତ ବର୍ଷ ଭାଲେଣ୍ଟିନା ଓ କାରେଣ୍ଟିନା ଜାତୀୟ ୧୨୦୦ କୋବି ଚାରା ଲଗାଇଥିଲେ। ଏହା ସ୍ଥାନୀୟ ବଜାରରେ ୫୦ ରୁ ୬୦ ଟଙ୍କା ଦରରେ ବିକ୍ରି ହେଉଛି। ଅଗାମୀ ବର୍ଷ ଅଧିକ ଚାରା ଲାଗାଇବେ।

–ଚାଷୀ ସତ୍ୟଜିତ ମହାନ୍ତ



ପ୍ରଥମେ ବଜାରରେ ଏହି ରଙ୍ଗିନ କୋବି ଦେଖି ଗ୍ରାହକଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଥିଲେ ମଧ୍ୟ ସେତେଟା ବିକ୍ରି ହେଉ ନ ଥିଲା। ମାତ୍ର ବର୍ତ୍ତମାନ ଏହି କୋବି ବଜାରର ଚାହିଦା ପୂରଣ କରିବାରେ ବିଫଳ ହୋଇଛି। ବଜାରରେ ବିକ୍ରି ସାଙ୍ଗକୁ ଗ୍ରାହକମାନେ ଘରୁ ଯାଇ ମଧ୍ୟ ଏହି କୋବି ନେଇ ଯାଉଛନ୍ତି।

–ଚାଷୀ, ସୁଶୀଲ ମହାନ୍ତ

ଚମ୍ପୁଆ,୭।୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଦୈନିକ ବଜାରରେ ଦିନକୁ ଦିନ ରଙ୍ଗିନ କୋବିର ଆଦର ବଢ଼ିବାରେ ଲାଗିଛି। ଏହି କୋବି ବିକ୍ରି କରି ଚାଷୀ ବେଶ ଲାଭବାନ ହୋଇପାରୁଛନ୍ତି। ସାଧାରଣ କୋବିଠାରୁ ଏହି କୋବି ଅଧିକ ସୁଆଦିଆ ଓ ରଙ୍ଗିନ ଦେଖାଯାଉଥିବାରୁ ଗ୍ରାହକମାନେ ଏହାକୁ ପ୍ରଥମ ପସନ୍ଦ ରୂପେ ଗ୍ରହଣ କରୁଛନ୍ତି। ଚମ୍ପୁଆ ପରିବା ବଜାରରେ ସାଧାରଣ କୋବି ୧୦ରୁ ୨୦ ଟଙ୍କା ଗୋଟା ପ୍ରତି ବିକ୍ରି ହେଉଥିବା ବେଳେ ଗ୍ରୀନ ବା ବ୍ରୋକଲି ଜାତୀୟ କୋବି ୨୦ ରୁ ୩୦ ଟଙ୍କା ଏବଂ କାରେଣ୍ଟିନା (ହଳଦିଆ କୋବି) ୩୦ ରୁ ୪୦ ଟଙ୍କା ଏବଂ ଭାଲେଣ୍ଟିନା (ବାଇଗଣିଆ ରଙ୍ଗ) କୋବିର ଚାହିଦା ବଢ଼ି ବର୍ତ୍ତମାନ ୪୦ ରୁ ୫୦ ଟଙ୍କା ଦରରେ ବିକ୍ରି ହେଉଛି। ସାଧାରଣ କୋବି ଭଳି ୮୦ ରୁ ୯୦ ଦିନ ମଧ୍ୟରେ ଚାଷୀ ଏହାକୁ ଅମଳ କରିପାରୁଥିବା ବେଳେ ଏହାର ମଞ୍ଜି ଅନ୍ୟ କୋବି ତୁଳନାରେ ଅଧିକ ଦାମ ରହିଛି। ସାଧାରଣ କୋବିର ମଞ୍ଜି ୧୦ ଗ୍ରାମକୁ ୫୦୦ ଟଙ୍କା ପଡୁଥିବା ବେଳେ ଭାଲେଣ୍ଟିନା ଓ କାରେଣ୍ଟିନା କୋବିର ମଞ୍ଜି ୨୦୦ଟିକୁ ୩୦୦ ରୁ ୩୫୦ ଟଙ୍କାରେ ମିଳୁଥିବା ଚାଷୀ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଚାଷୀ ଏହି ନୂଆ କୋବି ଚାଷକୁ ପରୀକ୍ଷାମୂଳକ ଭାବେ ଲଗାଇଥିବା ବେଳେ ଚଳିତ ବର୍ଷ ଅଧିକ ଲାଭବାନ ହୋଇଛନ୍ତି।

## ସୂଚନା ଅଧିକାର ଆଇନ ସମ୍ପର୍କିତ ତାଲିମ

କେନ୍ଦୁଝର,୭।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ମଙ୍ଗଳବାର କେନ୍ଦୁଝର ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପାଇଁ ନିଯୋଜିତ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଏବଂ ଜନସୂଚନା ଅଧିକାରୀଙ୍କ ପାଇଁ ସୂଚନା ଅଧିକାରୀ ଆଇନ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲାପାଳ ଯଦୁମଣି ମହଲାଙ୍କ ଉପସ୍ଥିତିରେ ୧୦୦ ଜଣ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଜନସୂଚନା ଅଧିକାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭିଡିଓ କନଫରେନ୍ସିଂ ଜରିଆରେ ରାଜ୍ୟସ୍ତରର ଆର୍‌ଟିଆଇ ପିଏମ୍‌ୟୁର ଡମେନ ଏକ୍ସପର୍ଟ ତାଲିମ ପ୍ରଦାନ କରିଥିଲେ। ବିଶେଷତଃ ସୂଚନା ଅଧିକାର ଆଇନ-୨୦୦୫ର ୟୁ/ଏସ ୪(୧)ବି ଅନ୍ତର୍ଗତ ମାଣ୍ଡାଟୋରି ପ୍ରୋଭିଜନ ଅଫ ପ୍ରୋଆକ୍ଟିଭ ଡିସ୍‌କ୍ଲୁଜର ସମ୍ପର୍କରେ ବିଶଦ ଭାବେ ତାଲିମ ପ୍ରଦାନ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଶାଳାରେ ସୂଚନା ଅଧିକାର ଆଇନର ମାଣ୍ଡାଟୋରି ପ୍ରୋଭିଜନ ଅଫ ପ୍ରୋଆକ୍ଟିଭ ଡିସକ୍ଲୁଜରରେ ଥିବା ୧୭ଟି ପଏଣ୍ଟ ଉପରେ କିପରି ଅନ୍‌ଲାଇନ ମାଧ୍ୟମରେ ତଥ୍ୟ ପୂରଣ ସହ ଅପଡେସନ କରାଯିବ ସେ ସମ୍ପର୍କରେ ବିଶେଷଜ୍ଞ ବୁଝାଇଥିଲେ। କେନ୍ଦୁଝର ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସଞ୍ଜୀବ ବାରିକଙ୍କ ତତ୍ତ୍ୱାବଧାନରେ କେନ୍ଦୁଝର ଜିଲାରେ ଉକ୍ତ ତାଲିମ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ଘଡ଼ଘଡି ସହ କୁଆପଥର ବର୍ଷା
### ଉପୁଡ଼ିଲା ଗଛ, ବିଦ୍ୟୁତ୍ ସରବରାହ ବ୍ୟାହତ



ଅଦିନିଆ ବର୍ଷା ପବନରେ ଗଛ ଉପୁଡ଼ି କାର୍ ଉପରେ ପଡି ରାସ୍ତା ଅବରୋଧ ହୋଇଛି।

ବଡବିଲ,୭।୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲରେ ମଙ୍ଗଳବାର ସନ୍ଧ୍ୟାରେ ଘଡ଼ଘଡି ସାଙ୍ଗକୁ କୁଆପଥର ବର୍ଷା ହୋଇଛି। ପ୍ରବଳ ବେଗରେ ପବନ ଓ ବର୍ଷାରେ ବିଶାଳ ଗଛ ଉପୁଡ଼ି ପଡ଼ି ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଏଥିରେ ବିଭିନ୍ନ ଟିଣ ଛପର ଉଡିଯାଇଛି। ଠାକୁରାଣୀ ରାସ୍ତାର ଶନି ମନ୍ଦିର ନିକଟରେ ଏକ ବିଶାଳ ଗଛ ଉପୁଡି ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ କାର ଉପରେ ପଡ଼ିବା ସହ ରାସ୍ତାକୁ ଅବରୋଧ କରିଥିଲା। ତେବେ କାର ଭିତରେ କେହି ନ ଥିବାରୁ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଅନ୍ୟ କେତେକ ସ୍ଥାନରେ ଗଛ ଉପୁଡି ବିଦ୍ୟୁତ ତାରକୁ ଛିଣ୍ଡାଇଦେଇଥିବାରୁ ବିଦ୍ୟୁତ ବିଭାଗ କର୍ମଚାରୀ ତୁରନ୍ତ କାର୍ଯ୍ୟରେ ଲାଗି ରାତି ଭିତରେ ସମସ୍ତ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ସୁରୁଖୁରୁ କରିବାକୁ ସକ୍ଷମ ହୋଇଥିବା ଜଣାପଡ଼ିଛି।

## ୭୦ ଜୁଆଙ୍ଗ ପରିବାର ଆବାସରୁ ବଞ୍ଚିତ

କେନ୍ଦୁଝର,୭।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ସରକାର ଗୃହହୀନଙ୍କୁ ବିଭିନ୍ନ ଆବାସ ଯୋଜନାରେ ପକ୍କାଘର ଯୋଗାଇଦେଉଛନ୍ତି। ବିଶେଷ କରି ପୁରାତନ ଜନଜାତିଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନାରେ ଘର ଯୋଗାଇଥାଆନ୍ତି। ମାତ୍ର କେନ୍ଦୁଝର ଜିଲାରେ ବହୁ ଦୁର୍ଗମ ଆଦିବାସୀ ବହୁଳ ଅଞ୍ଚଳର ଗରିବ ଆଦିବାସୀ ଏବେ ବି ଘର ନ ପାଇ ଭଙ୍ଗାଦଦରା କଚା ଘରେ ଆଶ୍ରୟ ନେବାକୁ ବାଧ୍ୟ ହେଉଛନ୍ତି। ଏଭଳି ଦୃଷ୍ଟାନ୍ତ ତେଲକୋଇ ବ୍ଲକ୍ ଅନ୍ତର୍ଗତ ଆକୁଳ ପଞ୍ଚାୟତରେ ଦେଖିବାକୁ ମିଳିଛି। ଅଞ୍ଚଳର ଲୋକେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଘର ପାଇଁ ଲିଖିତ ଗୁହାରୀ କରିବାକୁ ଆସିବା ପରେ ଘଟଣା ଜଣାପଡ଼ିଥିଲା।

ତେଲକୋଇ ବ୍ଲକ୍ ଆକୁଳ ପଞ୍ଚାୟତ ଖଜୁରିଆ ଗ୍ରାମରେ ଜୁଆଙ୍ଗ ସମ୍ପ୍ରଦାୟର ୧୦୦ରୁ ଊର୍ଦ୍ଧ୍ୱ ଜୁଆଙ୍ଗ ପରିବାର ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୭୦ ପରିବାର ଘର ପାଇ ନ ଥିବାରୁ ବହୁ ଅସୁବିଧାରେ ଚଳୁଛନ୍ତି। ବର୍ଷା ଦିନରେ ରହୁଥିବା କଚ୍ଚା ଘରେ ପାଣି ଗଳୁଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୀତ ଦିନରେ ଖୋଲା ଘର ଯୋଗୁ ବହୁ କଷ୍ଟରେ ରାତି କାଟୁଛନ୍ତି। ଏଣୁ ସେମାନଙ୍କୁ ଘର ଯୋଗାଇ ଦେଲେ ସେମାନେ ଉପକୃତ ହୋଇପାରନ୍ତେ ବୋଲି ପୋକିରାଣୀ ଜୁଆଙ୍ଗ, ମୁନିରିଆ ଜୁଆଙ୍ଗ, ହାଡ଼ିଆ ଜୁଆଙ୍ଗ, ଜହ୍ନ ଜୁଆଙ୍ଗ ସମେତ ବହୁ ମହିଳା ଓ ପୁରୁଷ ଦସ୍ତଖତ କରି ନିବେଦନ କରିଛନ୍ତି। ସ୍ଥାନୀୟ ପ୍ରଶାସନ ନ ଶୁଣିବାରୁ ବାଧ୍ୟ ହୋଇ ଦୀର୍ଘ ପ୍ରାୟ ୭୦ କି.ମି. ଦୂର ଜିଲା ମୁଖ୍ୟାଳୟକୁ ଆଶାବାନ୍ଧି ଆସିବାକୁ ବାଧ୍ୟ ହୋଇଥିବା ବେଳେ ଘର କେବେ ମିଳିବ ତାହା ଦେଖିବାକୁ ବାକି ରହିଛି।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା

ଢେଙ୍କିକୋଟ୍,୭।୨(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ବଜାର ମଧ୍ୟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ବଜାର ଉପରେ ଜିଲା ତଥା ଜିଲା ବାହାରର ବ୍ୟବସାୟୀ ଦୈନିକ ଆସିଥାନ୍ତି। ସର୍ବଦା ଜନଗହଳି ଲାଗି ରହିଥିବାରୁ ଏହା ଅଘଟଣକୁ ଆମନ୍ତ୍ରଣ କରୁଛି। ବିଦ୍ୟୁତ୍ ବିଭାଗକୁ ଢେଙ୍କିକୋଟ ବଣିକ ସଂଘ ତରଫରୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଢେଙ୍କିକୋଟ୍ ହାଇସ୍କୁଲ ଖେଳପଡ଼ିଆଠାରେ ମଧ୍ୟ ୩ ଟି ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି। ବଣିକ ସଂଘ ସଭାପତି ରାଜକିଶୋର ସାହୁ ମୁକୁଳା ଟ୍ରାନ୍ସଫର୍ମର ଚାରିପାଖେ ପ୍ରାଚିର କରାଯିବା ପାଇଁ ଦାବି କରିଛନ୍ତି। ଢେଙ୍କିକୋଟ୍ ବିଦ୍ୟୁତ୍ ସେକ୍ସନ ଜୁନିୟର ଇଞ୍ଜିନିୟର ଦେବାଶିଷ ସ୍ୱାଇଁ କହିଛନ୍ତି, ଉପର ଅଫିସରଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ପ୍ରାଚିର ହୋଇଯିବ।

## ବିଜେଡି ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ

ପାଟଣା,୭।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ବିଜେଡି ଦଳର ସାଂଗଠନିକ ବୈଠକ ଏରେଣ୍ଡେଇ ପଞ୍ଚାୟତ ଡିଆନାଳିଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୨୦୨୪ ସାଧାରଣ ନିର୍ବାଚନକୁ କିଭଳି ବିଜେଡି ମୁକାବିଲା କରି ପୁନର୍ବାର ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବେ ସେ ନେଇ ବିଜେଡିର ଆଗ ଧାଡ଼ିର ନେତା ଉପସ୍ଥିତ ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକଙ୍କ ଅଧ୍ୟକ୍ଷତାରେ ପାଟଣା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଡ. ହରିଶ ଚୌଧୁରୀ, ଜିଲା ବିଜେଡି ସହ ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ନିର୍ବାଚନ ମଣ୍ଡଳୀ ସଂଯୋଜକ କାନନ ବିହାରୀ ପୋହୀ, ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା ରିନା ନାୟକ, ପାଟଣା ବ୍ଲକ୍ ପର୍ଯ୍ୟବେକ୍ଷକ ଦୀପକ ରାଜ, ସାହାରପଡ଼ା ବ୍ଲକ୍ ପର୍ଯ୍ୟବେକ୍ଷକ ପ୍ରଶାନ୍ତ ଭଞ୍ଜଦେଓ, ପାଟଣା ବ୍ଲକ୍ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡ଼ା ବ୍ଲକ୍ ବିଜେଡି ସଭାପତି ଦିଲ୍ଲୀପ ସାହୁ, ସମସ୍ତ ଜିଲା ପରିଷଦଦ ସଦସ୍ୟ, ଯୁବ, ଛାତ୍ର, ମହିଳା ବିଜେଡି ସଂଗଠନଙ୍କ ସହିତ ୫୬ ପଞ୍ଚାୟତର ୪ ଶହରୁ ଊର୍ଦ୍ଧ୍ୱ କର୍ମୀ ବୈଠକରେ ସାମିଲ ହୋଇଥିଲେ। ବରିଷ୍ଠ ନେତା ମିତ୍ର ଭାନୁ ମହାନ୍ତ ସଂଯୋଜନା କରିଥିବା ବେଳେ ବୈଠକରେ ବୁଥ୍ କମିଟି ଗଠନ, ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଓ ଘର ସର୍ଭେ ଆଦି କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ସମସ୍ତ ସଂଗଠନ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ନେତାମାନେ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

**ମୟୂରଭଞ୍ଜ**

## ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ମୋରଡ଼ା,୭।୨(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ମାକୁନ୍ଦ ଗ୍ରାମରେ ଏକ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ସୁବାସ ସିଂ।

ସୂଚନା ଅନୁଯାୟୀ, ମାକୁନ୍ଦ ଗ୍ରାମ ନିକଟରେ ଥିବା ଏକ ନାଳରୁ ପ୍ରତିଦିନ ବାଲି ଉଠାଣ ହୋଇ ଚୋରାଚାଲାଣ ହୁଏ। ବୁଧବାର ଏକ ଟ୍ରାକ୍ଟର ଯୋଗେ ବାଲି ଉଠାଣ ହୋଇ ଚାଲାଣ ହେଉଥିବା ବେଳେ ଭାରସ୍ୟାମ ହରାଇ ଏହା ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ, ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ଖବରକାଗଜ ବିତରକଙ୍କ ପରଲୋକ

ବାରିପଦା,୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବାରିପଦା ସହରର ଖବରକାଗଜ ବିତରକ ଗଦାଧର ମହାକୁଡ଼(୪୩)ଙ୍କ ବୁଧବାର ପରଲୋକ ଘଟିଛି। ବାରିପଦାର ୱାର୍ଡ ନଂ. ୬ ପୁରୁଣା ହାଟସାହିରେ ଦୀର୍ଘ ଦିନ ଧରି ରହି ସେ ଖବରକାଗଜ ବିତରଣ କରୁଥିଲେ। ବୁଧବାର ଅପରାହ୍ନ ୪ଟା ୪୦ସମୟରେ ହଠାତ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ଖବରକାଗଜର ଏଜେଣ୍ଟ ଓ ହକରମାନେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଜନ୍ମମାଟି ବଡ଼ସାହି ବ୍ଲକ ମୂଷାଗଡ଼ିଆ ଗ୍ରାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଦୁଇଟି ସନ୍ତାନ ଥିବା ବେଳେ ପରିବାର ଲୋକେ ବେସାହାରା ହୋଇଯାଇଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଜିଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

### ବୀମାଭୁକ୍ତ ମୃତ ପ୍ରାଣୀଙ୍କ ହୋଇପାରୁନି ବ୍ୟବଚ୍ଛେଦ

ବାରିପଦା,୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମୃତ ଗାଈକୁ ଅଟୋରେ ଆଣି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ରଖାଯାଇଛି।

ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ମୟୂରଭଞ୍ଜ ଜିଲାରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବୀମାଭୁକ୍ତ ଏକ ଗାଈର ମୃତଦେହ ବ୍ୟବଚ୍ଛେଦ କରାଯାଇପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବୀମାରୁ ବଞ୍ଚିତ ହେବା ଆଶଙ୍କା କରି ପ୍ରଶାସନର ଦୃଷ୍ଟି ଆକର୍ଷଣ ନିମନ୍ତେ ପାଳନକାରୀ ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗାଈ ମୃତଦେହ ରଖି ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିବା ଦେଖିବାକୁ ମିଳିଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ ମୃତ ଗାଈକୁ ଦେଖିବା ସହ ପରିସ୍ଥିତିକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି ।

ସୂଚନା ଅନୁଯାୟୀ, ଓଡ଼ିଶା ପ୍ରାଣୀ ଚିକିତ୍ସା ସଂଘ ଡାକରାରେ ୨୦ଦିନ ଧରି ପ୍ରାଣୀ ଚିକିତ୍ସକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ୨୬ ବ୍ଲକରେ ଥିବା ଲକ୍ଷାଧିକ ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ସେବା ଠପ୍ ହୋଇପଡ଼ିଛି। ଏହାକୁ ନେଇ ପାଳନକାରୀମାନେ ନାନା ଅସୁବିଧା ଭୋଗୁଥିବା ବେଳେ ମୃତ ପ୍ରାଣୀଙ୍କ ବ୍ୟବଚ୍ଛେଦ ରିପୋର୍ଟକୁ ନେଇ ଅଡୁଆ ପରିସ୍ଥିତି ଉପୁଜିବାରେ ଲାଗିଛି। ଏପରିକି ବୀମାଭୁକ୍ତ ପ୍ରାଣୀଙ୍କ ମୃତ୍ୟୁ ପରେ ପ୍ରାଣୀ ଚିକିତ୍ସକମାନେ ବ୍ୟବଚ୍ଛେଦ କରୁ ନ ଥିବାରୁ ଚାଷୀମାନେ ବୀମା ପାଇବାରୁ ବଞ୍ଚିତ ହେବା ସ୍ପଷ୍ଟ ହୋଇଯାଇଛି। ବାରିପଦା ଷ୍ଟେଶନ ବଜାର ଅଞ୍ଚଳର ନମିତା ଚାନ୍ଦଙ୍କ ଏକ ବୀମାଭୁକ୍ତ ଗାଈର ମଙ୍ଗଳବାର ମୃତ୍ୟୁ ହେବା ପରେ କୌଣସି ଡାକ୍ତର ନ ଯିବାରୁ ବ୍ୟବଚ୍ଛେଦ ହୋଇପାରି ନ ଥିଲା । ସେ ନିରୁପାୟ ହୋଇ ମୃତ ଗାଈକୁ ଏକ ଅଟୋରେ ଲଦି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଗାଈର ବ୍ୟବଚ୍ଛେଦ ରିପୋର୍ଟ ପ୍ରଦାନ କରା ନ ଗଲେ ୪୦ହଜାର ଟଙ୍କା ବୀମା ସଂସ୍ଥାରୁ ହରାଇବେ ବୋଲି ସେ କହିଛନ୍ତି। ସେହିପରି ମଙ୍ଗଳବାର କୁଳିଅଣା ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମୃତ କୁକୁଡ଼ା ଧରି ଜିଲା ପ୍ରାଣୀ ଚିକିତ୍ସାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ତିନୋଟି ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗ୍ରାମରେ ଥିବା ଗୃହପାଳିତ ପ୍ରାଣୀ ମଧ୍ୟ ଚିକିତ୍ସାରୁ ବଞ୍ଚିତ ରହିଛନ୍ତି। ଜଙ୍ଗଲକୁ ଚରିବାକୁ ଯାଇ ହିଂସ୍ର ଜନ୍ତୁଙ୍କ ଆକ୍ରମଣରେ କ୍ଷତାକ୍ତ ଅବସ୍ଥାରେ ଘରକୁ ଫେରୁଛନ୍ତି। ପ୍ରାଣୀ ଚିକିତ୍ସକମାନେ ସେବା ପ୍ରଦାନ କରୁ ନ ଥିବାରୁ ପାଳନକାରୀମାନେ ବାଧ୍ୟ ହୋଇ ହିଂସ୍ରଜନ୍ତୁମାନଙ୍କୁ ବିଷ ଦେଇ ମାରିବାର ଆଶଙ୍କା ସୃଷ୍ଟି ହୋଇଛି ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରାଣୀପାଳକମାନେ ଦାବି କରିଛନ୍ତି।

## ପ୍ରକଳ୍ପ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ



ଜିଲାପାଳ ଆଶିଷ ଠାକ୍‌ରେ ଓ ଅନ୍ୟମାନେ ଝିଙ୍କିରିଆ ବୁଥ୍ ପରିଦର୍ଶନ କରୁଛନ୍ତି।

### ମୋରଡ଼ା ବ୍ଲକ ଗସ୍ତ କଲେ ଜିଲାପାଳ

ମୋରଡ଼ା,୭।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ନୂତନ ଜିଲାପାଳ ଆଶିଷ ଠାକ୍‌ରେ ବୁଧବାର ମୋରଡ଼ା ବ୍ଲକ ଗସ୍ତରେ ଆସିଥିଲେ। ଏହି ବ୍ଲକର ଝିଙ୍କିରିଆ ଓ ଅସ୍ତିଆ ବୁଥ୍ ପରିଦର୍ଶନ କରି ବୟସ୍କ ଓ ନୂତନ ଭୋଟରଙ୍କ ସମୀକ୍ଷା କରିବା ସହିତ ୩୨ଟି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ରୋଜେକ୍ଟର ସମୀକ୍ଷା, ଆମ ଓଡ଼ିଶା ନବୀନ ଓଡ଼ିଶାରେ ହେଉଥିବା ୨୬୦ଟି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଯଥାଶୀଘ୍ର ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସହିତ ମୋରଡା ବିଡ଼ିଓ ଜୟକୃଷ୍ଣ ପାତ୍ର, ଏଇଇ ମୋତିଲାଲ ତୁଙ୍ଗ ଏବଂ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

## ମଦ ବିକ୍ରି ପ୍ରତିବାଦରେ ଥାନା ଘେରାଉ

ରାଇରଙ୍ଗପୁର,୭।୨(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ପୋଖରିଆ ଗ୍ରାମରେ ଅବାଧ ମଦ କାରବାର ପ୍ରତିବାଦରେ ବୁଧବାର ଶତାଧିକ ମହିଳା ଥାନା ଘେରାଉ କରିଥିଲେ। ଗାଁରେ ଚୋରା ମଦ କାରବାର ଯୋଗୁ ମଦ୍ୟପଙ୍କ ଉତ୍ପାତ ବଢ଼ି ଚାଲିଛି। ତେଣୁ ଚୋରା ମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସୀ ଥାନା ଘେରାଉ କରିବା ସହ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ କଂଗ୍ରେସ ଜିଲା ଏସ୍‌ଟି ସେଲ୍ ଅଧ୍ୟକ୍ଷ ଭାଗିରଥି ପାତ୍ର, କାପୁରା ସୋରେନ, ସିନଗୋ ସୋରେନ ଏବଂ ସୋନାମଣୀ ବାସ୍କେ ପ୍ରମୁଖ ଉପସ୍ଥିତ ଥିଲେ।



ଥାନା ଘେରାଉ ପାଇଁ ଆସିଥିବା ଗ୍ରାମବାସୀ।

## ବାଲି ବୋଝେଇ ୨ ଟ୍ରାକ୍ଟର ଜବତ

ମୋରଡ଼ା,୭।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ପୋଲିସ ବେଆଇନ ବାଲି ବୋଝେଇ ୨ ଟ୍ରାକ୍ଟର ଜବତ କରିଛି। ବୁଧବାର ସକାଳୁ ବାଲି ଚାଲାଣ ହେଉଥିବା ଖବରପାଇ ଶୁଳିଆପଦା ପୋଲିସ ସାତଭାୟା ରୋଡ୍ ଏବଂ ରସୁଣିଆ ଗ୍ରାମରେ ପହଞ୍ଚି ଉକ୍ତ ଟ୍ରାକ୍ଟର ଦୁଇଟିକୁ ଜବତ କରିଥିଲା। ଏହି ଘଟଣାରେ ୨ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ଗିରଫ ଡ୍ରାଇଭର ଦ୍ୱୟ ହେଲେ ଡାମନ ମାର୍ଣ୍ଡି ଏବଂ ଦେବେନ୍ଦ୍ର ଦେହୁରୀ। ଏନେଇ ଥାନାର ଦୁଇଟି ମାମଲା(ନଂ.୨୬/୨୪) ଓ (ନଂ.୨୭/୨୪) ରୁଜୁ ହୋଇଛି ।

## କନ୍ଦଳିଆଶୋଳ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବଡ଼ସାହି, ୭।୨(ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅନ୍ତର୍ଗତ କନ୍ଦଳିଆଶୋଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାରିପଦା ଚିନ୍ମୟ ଗୁରୁପାଦ ଆଶ୍ରମର ସନ୍ୟାସୀ ଗୋବିନ୍ଦାନନ୍ଦ ସରସ୍ୱତୀ ମହାରାଜ, ସମ୍ମାନିତ ଅତିଥି ଭାବେ ଦୟାନିଧି ପ୍ରତିହାରୀ, ପୂର୍ବତନ ୱାର୍ଡମେମ୍ବର ଅକ୍ଷୟ କୁମାର ମହାନ୍ତ, ୱାର୍ଡମେମ୍ବର ଗୀତାଞ୍ଜଳି ମାଝି, ସହକାରୀ ଶିକ୍ଷୟିତ୍ରୀ ମମତାମୟୀ ଭୋଇ, ହରପ୍ରିୟା ସାହୁ, ବିଦ୍ୟାଳୟ ଶିକ୍ଷା କମିଟିର ଚେୟାରମ୍ୟାନ ଗୀତା ସୋରେନ, ସରୋଜକାନ୍ତ ଦାସ, ରବିନ୍ଦ୍ର ସେନାପତି, ଦିବାକର ସାହୁ, ବୀଣାପାଣି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ଭୁଜବଳ ସଭାରେ ପୌରୋହିତ୍ୟ କରିବା ସହ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ମଞ୍ଚରେ ଉପସ୍ଥିତ ଅତିଥିମାନେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

କାଳିପଦା,(ରାଜଶ୍ରୀ ପାଣିଗ୍ରାହୀ)-ବାଲିଆପାଳ ପଞ୍ଚାୟତରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା, ସଦସ୍ୟା ଜୟଲକ୍ଷ୍ମୀ ଅଣ୍ଡିଆ, ସାମାଜିକ କର୍ମୀ ଲମ୍ବୋଧର ମହାନା, ପିଇଓ ସୁଜୟ କୁମାର ସି, ଜୟନାରାୟଣ ମହାପାତ୍ର, ଘଣ୍ଟୁଆ ସରପଞ୍ଚ ସୁଶୀଲ ପ୍ରଧାନ, ବିଷ୍ଣୁପୁର ସରପଞ୍ଚ ମହେଶ୍ୱର ଜେନା, ଦେଉଳା ପଞ୍ଚାୟତର ବିଜେଡି ସଭାପତି ଅନନ୍ତ ବିଶ୍ୱାଳ ଓ ଦେଭୋଗ ପଞ୍ଚାୟତର ବିଜେଡି ସଭାପତି ଧନଞ୍ଜୟ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

**ବାଲେଶ୍ୱର**

# ଅତ୍ୟାଧୁନିକ ପିଏସ୍‌ସିସି ଲୋକାର୍ପିତ

ବାଲେଶ୍ୱର, ୭।୨(ମାନସ ବିଶ୍ୱାଳ



ଅତ୍ୟାଧୁନିକ ପିଏସ୍‌ସିସି ଲୋକାର୍ପଣ କରାଯାଉଛି।

### ନିରବଚ୍ଛିନ୍ନ, ନିର୍ଭରଯୋଗ୍ୟ ବିଜୁଳି ସେବା ଯୋଗାଇବାରେ ହେବ ସକ୍ଷମ

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ କାଳୀ ମନ୍ଦିର ନିକଟସ୍ଥ ଅପସେନଏକ୍ସ କାର୍ଯ୍ୟାଳୟରେ ବୁଧବାର ଅତ୍ୟାଧୁନିକ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର(ପିଏସସିସି)ର ଲୋକର୍ପଣ କରାଯାଇଛି। ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ସରକାର ଏହାକୁ ଉଦ୍‌ଘାଟନ କରି ଅତ୍ୟାଧୁନିକ ଉଚ୍ଚ କ୍ଷମତାସମ୍ପନ୍ନ କଣ୍ଟ୍ରୋଲ ରୁମ ଟିପିଏନଓଡ଼ିଏଲ ଅଧୀନ ସମସ୍ତ ଗ୍ରୀଡ୍‌ଗୁଡ଼ିକ ଉପରେ ନଜର ରଖିବା ସହ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଜୁଳି ସେବା ଯୋଗାଇବାରେ ଅଧିକ ସକ୍ଷମ ହେବ। ନିୟନ୍ତ୍ରଣ ପ୍ରକ୍ରିୟା ଆହୁରି ସହଜ ହେବ। ସେହିପରି ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ଏବେ ଆଧୁନିକୀକରଣ କରାଯାଉଛି। ଫଳରେ ବୈଷୟିକ ତ୍ରୁଟି ସଜାଡିବା ପ୍ରକ୍ରିୟା ସହଜ ହେବା ସହ ସମସ୍ୟାକୁ ତ୍ୱରିତ ସମାଧାନ କରାଯାଇପାରିବ। ଏଥିସହ ୧୧ କେଭିଏ ଓ ୩୩ କେଭିଏ ଗ୍ରୀଡ୍‌ରେ ଲାଗିଥିବା ଟ୍ରାନ୍ସଫର୍ମରଗୁଡ଼ିକର ବୈଷୟିକ ତ୍ରୁଟିଗୁଡ଼ିକରେ ମଧ୍ୟ ଆଗୁଆ ସୁଧାର ଅଣାଯାଇପାରିବ। ଏହି କଣ୍ଟ୍ରୋଲ ରୁମରୁ ଟିପିଏନଓଡ଼ିଏଲ ବିତରଣ ଦାୟିତ୍ୱ ନେଇଥିବା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ବାରିପଦା ବୈଦ୍ୟୁତିକ କ୍ଷେତ୍ରର ସମସ୍ତ ଗ୍ରୀଡ୍‌ଗୁଡ଼ିକୁ ଅନଲାଇନ ମାଧ୍ୟମରେ ନିୟନ୍ତ୍ରଣ କରାଯିବ। ଗ୍ରୀଡ୍ ସଟଡାଉନ ଓ ଚାର୍ଜ ପାଇଁ କର୍ମଚାରୀଙ୍କୁ ମାନୁଆଲ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ନାହିଁ। ଫଳରେ ପାୱାର ଆଉଟେଜ କମିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଟିପିସିଓଡ଼ିଏଲ ସିଓଓ ଦ୍ୱିଜା ଦାସ ବସକ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗ ଓ ସିଏସଆର ମୁଖ୍ୟ ପର୍ବିନ କୁମାର ବର୍ମା, ଚିଫ ଅପରେଶନ ନୀଲେଶ ଚନ୍ଦ୍ରକାନ୍ତ ପୋଟଫଡେ, ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀବଲ୍ଲଭ ସିଂ, ଆଇଟି ମୁଖ୍ୟ ରାଜୀବ ଗୋଏଲ, ପିଏସସିସି ମୁଖ୍ୟ କରୁଣାକର ଝା, ଲୋକ ସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆସନ୍ତା ୨୬ରୁ ଚିରନ୍ତନ ଚନ୍ଦ୍ରଶେଖର ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖଇରା, ୭।୨(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ମଳିହା ଗ୍ରାମର ଦିବଂଗତ ଆଇଆଇଟି ଛାତ୍ର ଚିରନ୍ତନ ଚନ୍ଦ୍ରଶେଖର ଦାସଙ୍କ ସ୍ମୃତିରେ ପତିରାଜପୁର ପଡିଆରେ ଆୟୋଜିତ ହୋଇଆସୁଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ । ଉଦ୍‌ଘାଟନୀ ମ୍ୟାଚ କେନ୍ଦ୍ରାପଡା ଓ କେନ୍ଦୁଝର ମଧ୍ୟରେ ଦ୍ୱିତୀୟ କ୍ୱାର୍ଟରେ ପାରାଦୀପ ଏବଂ ପୁରୀ ମଧ୍ୟରେ ଖେଳାଯିବ । ୨୮ରେ ପ୍ରଥମ ସେମିଫାଇନାଲ, ୨୯ ରେ ତୃତୀୟ କ୍ୱାର୍ଟରେ ବାଲେଶ୍ୱର ଏବଂ ଯାଜପୁର ମଧ୍ୟରେ, ଚତୁର୍ଥ କ୍ୱାର୍ଟରେ ଜଗତସିଂହପୁର ଏବଂ ଭୁବନେଶ୍ୱର ମଧ୍ୟରେ ଖେଳାଯିବାର କାର୍ଯ୍ୟକ୍ରମ ଅଛି। ୨ରେ ଦ୍ୱିତୀୟ ସେମି ଏବଂ ୩ରେ ଫାଇନାଲ ମ୍ୟାଚ ଖେଳାଯିବ। ଏହି ଅବସରରେ ବୁଧବାର ଗୋଳିହା ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକ ଚଣ୍ଡୀମାତା ୟୁଥ କ୍ଲବ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ସରପଞ୍ଚ ପ୍ରତିନିଧି ସମ୍ପଦ ଘଡେଇ ସମ୍ମିଳନୀରେ ସଭାପତିତ୍ୱ କରିବା ଅବସରରେ ଜଣେ ପୁତ୍ରହରା ପିତାଙ୍କ ଇଚ୍ଛା ପୂରଣ କରିବାକୁ ଚଣ୍ଡୀମାତା କ୍ଲବ ଓ ଅକାଂକ୍ଷା ପାୱାର ସହଯୋଗରେ ୧୫ତମ ସଂସ୍କରଣ ଚଳିତମାସରେ ଖେଳାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଣୁ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି କହିଥିଲେ।

## ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



କ୍ରୀଡ଼ା ଉତ୍ସବକୁ ଅତିଥିଗଣ ଉଦ୍‌ଘାଟନ କରୁଛନ୍ତି।

ନୀଳଗିରି, ୭।୨(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଥାନା ପଡ଼ିଆରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବୁଧବାର ଦୁଇଦିନିଆ ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଉତ୍ସବ ୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରି ଜନଜାତି କ୍ରୀଡା ଉତ୍ସବ ମାଧ୍ୟମରେ ସମସ୍ତ ପଞ୍ଚାୟତସ୍ତରରେ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ସହ ନିଜର ଭବିଷ୍ୟତ ଗଢ଼ିବାରେ ସହାୟକ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ପରେ ବାଲେଶ୍ୱର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମଦନମୋହନ ମାଝିଙ୍କ ପୌରୋହିତ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଳିକ, ପ୍ରକଳ୍ପ ପ୍ରଶାସକ କାରୁ ସରେନ ପ୍ରମୁଖ କ୍ରୀଡ଼ା ଉତ୍ସବର ବିଭିନ୍ନ ଖେଳକୁଦକୁ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମଦନମୋହନ ମାଝି କ୍ରୀଡ଼ା ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍ସବରେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ବିଡିଓ ରାହୁଲ ମଣ୍ଡଳ, ସସ୍ମିତା ସିଂ, ସୁବର୍ଣ୍ଣା ମଞ୍ଜରୀ ସିଂ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା କ୍ରୀଡ଼ାପ୍ରେମୀଙ୍କ ସମେତ ବିଭିନ୍ନ ଆବାସିକ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଚାରାରୋପଣ

ବସ୍ତା, ୭।୨(ହରିଶଙ୍କର ପାଢ଼ି)- ବାଲେଶ୍ୱର ଜିଲା ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଜାତୀୟ ସବୁଜ ବାହିନୀରେ ସମ୍ପୃକ୍ତ ହେବା ପରେ ଏହି ସଂସ୍ଥା ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଏକ ସଭା ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମାଷ୍ଟର ଟ୍ରେନର ଚୌମୁଖ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଧାଂଶୁ କୁମାର ପାଣ୍ଡା ମୁଖ୍ୟଅତିଥି, ସାମାଜିକ କର୍ମୀ ଶ୍ୟାମାପ୍ରସାଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଗୁରୁମା ସୁଶ୍ରୀ ରଞ୍ଜିତା ପାଢ଼ୀ ଏହି ଇକୋ କ୍ଲବ ସମ୍ପର୍କରେ ଧାରଣା ଦେଇଥିଲେ। ଶିକ୍ଷାକେନ୍ଦ୍ରରେ କେତେଗୁଡ଼ିଏ ଔଷଧୀୟ ଚାରାରୋପଣ କରାଯାଇଥିଲା। ଶେଷରେ ଇକୋ କ୍ଲବ ଦାୟିତ୍ୱରେ ଥିବା ଗୁରୁଜୀ ଅଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂସ୍କାରୀ ହେବାକୁ ପରାମର୍ଶ

### ବୀଣାପାଣି ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

ରୂପସା, ୭।୨(ବାଞ୍ଛାନିଧି ଦେ)



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ରୂପସା ବୀଣାପାଣି ଶିଶୁ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ବସ୍ତା ସଂକୁଳ ପ୍ରମୁଖ ରତିକାନ୍ତ ଚୌଧୁରୀ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପଣ୍ଡା ଶର୍ମା, ମୁଖ୍ୟବକ୍ତା ଉତ୍କଳ ଶିକ୍ଷା ପରିଷଦ ସମ୍ପାଦକ ଯୋଗେନ୍ଦ୍ର ଦାସ ଯୋଗଦେଇ କୁନି ପିଲାମାନେ ସଂସ୍କାରୀ ଓ ନୀତିବାନ ହେଲେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ପରିଚାଳନା କମିଟି ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ଏସ୍‌ବିଆଇ ମ୍ୟାନେଜର ଶାନ୍ତନୁ କୁମାର ଲେଙ୍କା, ସମ୍ପାଦକ ନିତ୍ୟାନନ୍ଦ ପଟ୍ଟନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ, ପୂର୍ବତନ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା, ଯୋଗ ଶିକ୍ଷକ ମନୋଜ ସିଂହ, ଯୁଗ୍ମ ସମ୍ପାଦକ ସୁଧାକର ଗିରି ପ୍ରମୁଖ ମଞ୍ଚାସୀନ ହୋଇ ପିଲାଙ୍କୁ ନୈତିକ ଶିକ୍ଷାଦାନ ଦିଗରେ ଦିଗ୍‌ଦର୍ଶନ ଦେଇଥିଲେ। ସହ ସମ୍ପାଦକ ଭିକାରୀ ଚରଣ ମିସ୍ତ୍ରୀ ପ୍ରାରମ୍ଭିକ ସୂଚନା ପ୍ରଦାନ ଏବଂ ପ୍ରଧାନ ଆଚାର୍ଯ୍ୟ ସେଲଭି ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁଙ୍କୁ ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଏହାପରେ କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଆଇଓସିଏଲ କାର୍ଯ୍ୟାଳୟ ଆଗରେ କ୍ଷତିଗ୍ରସ୍ତ ଚାଷୀଙ୍କ ଧାରଣା

ବାହାନଗା, ୭।୨(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ତାଳକୁରୁଣିଆଁ ପଞ୍ଚାୟତ ରଡୁଆ ଗ୍ରାମ ନିକଟରେ ଥିବା ଆଇଓସିଏଲର ଅଏଲ କଣ୍ଟ୍ରୋଲ କାର୍ଯ୍ୟାଳୟ ଆଗରେ ୪ଦଫା ଦାବି ନେଇ କ୍ଷତିଗ୍ରସ୍ତ ଚାଷୀ ଧାରଣାରେ ବସିଥିଲେ। ବିଭାଗୀୟ କ୍ଷେତ୍ର ଅଧିକାରୀ ରାମବାଗ ସୋରେନଙ୍କୁ ଦିନତମାମ କାର୍ଯ୍ୟାଳୟ ଭିତରେ ଅଟକ ରଖିଥିଲେ। ଗୋପାଳପୁର ଥାନା ପୋଲିସ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କୁ ବୁଝାଶୁଝା କରିବା ପରେ ଅଟକ ଅଧିକାରୀଙ୍କୁ ଉଦ୍ଧାର କରିଥିଲେ। ଆସନ୍ତା ଶନିବାର ଆଇଓସିଏଲର ଅଧିକାରୀ ଓ କ୍ଷତିଗ୍ରସ୍ତ ଚାଷୀମାନଙ୍କର ଏକ ବୈଠକ କରାଯିବା ସହିତ ଥାନାରେ ଏହାର ସମସ୍ୟା ସମାଧାନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ପୋଲିସଠାରୁ ପ୍ରତିଶ୍ରୁତି ପାଇବା ପରେ ଗ୍ରାମବାସୀ ଧାରଣାରୁ ହଟିଥିଲେ।

ଭାରତୀୟ ତୈଳ କର୍ପୋରେଶନ ଲିମିଟେଡ ପକ୍ଷରୁ ପ୍ରତିବର୍ଷ ଚାଷୀମାନଙ୍କ ଜମି ତଳେ ତେଲ ଓ ଗ୍ୟାସ ପାଇପ ଲାଇନ୍ ନେବା ସହିତ କାମ କରାଯାଉଛି। ତାଳକୁରୁଣିଆ, ରଡୁଆ, ବାଜଣା, ଦୋଳପୁର ଗ୍ରାମର ଚାଷୀମାନଙ୍କୁ ଦୀର୍ଘ ୪ବର୍ଷ ହେଲାଣି ସେମାନଙ୍କ ଜମିର କ୍ଷତିପୂରଣ ଦେଉ ନ ଥିବାରୁ ଚାଷୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଚାଷୀମାନଙ୍କ ବିଲରେ ମାଟି ଠୁଳାଇ ଦିଆଯାଇଛି। ଫଳରେ ସେହି ମାଟିକୁ ଆଇଓସିଏଲ ପକ୍ଷରୁ ବାହାର କରାଯାଉ ନ ଥିବା ବେଳେ ସମ୍ପୃକ୍ତ ଚାଷୀଙ୍କୁ କ୍ଷତିପୂରଣ ଦେଉନାହାନ୍ତି। କମ୍ପାନୀ କୌଣସି ପ୍ରତିଶ୍ରୁତି ପୂରଣ କରି ନ ଥିବା ଗ୍ରାମବାସୀ ଓ କ୍ଷତିଗ୍ରସ୍ତ ଚାଷୀ ବିଷ୍ଣୁମୋହନ ସାହୁ, ବୁଦ୍ଧିରାମ ମଲ୍ଲିକ, ଉମାମଣି ସାହୁ, ମଣିଭଦ୍ର ସାହୁ, ଗୋପୀନାଥ ବେହେରା, ମଣିନାଥ ବେହେରା, ରଘୁନାଥ ପାତ୍ର, ଚିତ୍ତରଞ୍ଜନ ସାହୁ ପ୍ରମୁଖ କହିଛନ୍ତି।

**ଭଦ୍ରକ**

## ନୂତନ ଅତିରିକ୍ତ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଭଦ୍ରକ,୭।୨(ସନାତନ ରାଉତ): ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଚାରୁ କୁମାର ବଳ ବୁଧବାର ଭଦ୍ରକ ଜିଲାର ନୂତନ ଅତିରିକ୍ତ ଜିଲାପାଳଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ୍ କରି କାର୍ଯ୍ୟରେ ଯୋଗ ଦେବା ପରେ ଅତିରିକ୍ତ ଜିଲାପାଳ ରାମଦାସ ଗୁଡୁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସାଗରିକା ସାହୁ, ପ୍ରମିଳା ମଲ୍ଲିକ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ନୂତନ ଅତିରିକ୍ତ ଜିଲାପାଳ ବଳଙ୍କୁ ସ୍ୱାଗତ କରିଥିଲେ। ଏହା ପୂର୍ବରୁ ସେ ନୟାଗଡ଼ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସମସ୍ତ ସରକାରୀ ଯୋଜନା ଗୁଡ଼ିକର ସଠିକ କାର୍ଯ୍ୟକାରିତା ନେଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ପୂର୍ବତନ ଅତିରିକ୍ତ ଜିଲାପାଳ ଗୁଡୁଙ୍କର ଭଦ୍ରକ ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଅଧିକାରୀ ପଦବୀକୁ ବଦଳି ହୋଇଛି।

# 'ସଫଳତା ପାଇଁ ସତ୍‌କର୍ମ, ପ୍ରତିଜ୍ଞା ଜରୁରୀ'



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

### ଇନ୍ଦ୍ରଗୋବିନ୍ଦ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଧାମନଗର,୭।୨(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ଇନ୍ଦ୍ରଗୋବିନ୍ଦ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଖଗେଶ୍ୱର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ମୁଖ୍ୟବକ୍ତା ଅଧ୍ୟାପକ ଉମାକାନ୍ତ ମହାଳିକ, ବରେଣ୍ୟ ଅତିଥି ଭାବେ ମୋ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ ଡା. ସଞ୍ଜୟ କୁମାର ଦାସ, ଭଦ୍ରକ ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଏମ୍‌ପିଙ୍କ ପ୍ରତିନିଧି ହରେକୃଷ୍ଣ ପାଢ଼ୀ, ସିଆର୍‌ସିସି ଦେବେନ୍ଦ୍ର କୁମାର କବି, ସ୍ଥାନୀୟ ସରପଞ୍ଚ ଦୀପାଞ୍ଜଳି ନାୟକ, ସମିତିସଭ୍ୟା ବୀଣାପାଣି ପଣ୍ଡା ପ୍ରମୁଖ ଯୋଗଦେଇ ଜନ୍ମରୁ କେହି ଜ୍ଞାନୀ ନୁହେଁ। ଶିକ୍ଷା ଲାଭ ଦ୍ୱାରା ଜ୍ଞାନ ଆହରଣ ହୋଇଥାଏ। ଜୀବନରେ ସଫଳତା ପାଇବାକୁ ହେଲେ ସତ୍ କର୍ମ, ପ୍ରତିଜ୍ଞା ଜରୁରୀ ବୋଲି କହିଥିଲେ। ସହକାରୀ ଶିକ୍ଷୟିତ୍ରୀ ଅରୁନ୍ଧତୀ ହୋତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ମମତା ରାଣୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରତିମାରାଣୀ କବାଟ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସୁଜାତା ଯେନା, ପ୍ରଶାନ୍ତ କୁମାର ପଣ୍ଡା, ଗୋବର୍ଦ୍ଧନ ବାରିକ, ପଦ୍ମିନୀ ସେଠୀ, ସୀତାଂଶୁ ଶେଖର ସେଠୀ, କାଳନ୍ଦୀ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ତିହିଡ଼ି,୭।୨(ସଞ୍ଜିତ ବଳ)

ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକ୍‌ର ଗୁଆମାଳ, ତାଳପଦା ଓ ଦୋଳସାହି ପଞ୍ଚାୟତରେ ବୁଧବାର ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲା ସଂଯୋଜକ ଡା. ସଞ୍ଜୟ କୁମାର ଦାସ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କଠାରୁ ପିଠା ଖାଇବା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ। ଗୁଆମାଳ ପଞ୍ଚାୟତରେ ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡାଙ୍କ ସଂଚାଳନରେ ଜିଲା ସଂଯୋଜକ ଦାସଙ୍କ ସହିତ ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ ଓ ରୁଜାତା ପଣ୍ଡା, ଧାମନଗର ଯୁବ ବିଜେଡି ସଭାପତି ସୁଧନ୍ୱା ନାୟକ, ପିଇଓ ଡ. ଅରୁଣ ପଣ୍ଡା, ସେଲିନା ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ତାଳପଦା ପଞ୍ଚାୟତରେ ସମିତିସଭ୍ୟ ଚିନ୍ତାମଣି ଦାସଙ୍କ ପୌରୋହିତ୍ୟରେ ଡା.ଦାସଙ୍କ ସମେତ ସରପଞ୍ଚ ଜୟଶ୍ରୀ ବେହେରା, ବରିଷ୍ଠ ନେତା ବାଣୀକଲ୍ୟାଣ ମହାପାତ୍ର, ପୂର୍ବତନ ସମିତିସଭ୍ୟ ହରିଶ୍ଚନ୍ଦ୍ର ମିଶ୍ର, ନାଏବ ସରପଞ୍ଚ ରଞ୍ଜିତା ସେଠୀ, ମହିଳା ସଂଘ ସଭାନେତ୍ରୀ ବାସନ୍ତୀଲତା ଜେନା, ଆଇନ୍‌ଜୀବୀ ଗୌରହରି ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଦୋଳସାହି ପଞ୍ଚାୟତରେ ପିଇଓ ଦୀନବନ୍ଧୁ ମହାନ୍ତିଙ୍କ ସଞ୍ଚାଳନରେ ଡା. ଦାସ, ବ୍ଲକ୍ ଅଧ୍ୟକ୍ଷା, ଜିଲା ପରିଷଦ ସଭ୍ୟାଙ୍କ ସମେତ ସରପଞ୍ଚ ଗୌରୀଶଙ୍କର ଜେନା, ନାଏବ ସରପଞ୍ଚ ପ୍ରଭାତୀ ବଳ, ଦାଶରଥି ମହାପାତ୍ର, ଚିତରଞ୍ଜନ ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ମାନେ ପ୍ରସ୍ତୁତ କରିଥିବା ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରିଥିଲେ।



ପିଠା ଖାଉଛନ୍ତି ଜିଲା ସଂଯୋଜକ।

## ଡାକ୍ତରଖାନାର ସମସ୍ୟା ନେଇ ଭାଜପାର ଦାବିପତ୍ର

ବାସୁଦେବପୁର,୭।୨(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ଭାଜପା ବାସୁଦେବପୁର ଶାଖା ପକ୍ଷରୁ ବୁଧବାର ଏକ ଦାବିପତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଛି। ବାସୁଦେବପୁର ଡାକ୍ତରଖାନାର ପାନୀୟ ଜଳର ଅବ୍ୟବସ୍ଥା, ରୋଗୀଙ୍କୁ ବେଡ୍‌ସିଟ୍ ପ୍ରଦାନ କରା ନ ଯିବା, ଡାକ୍ତରଖାନାର ଡ୍ରେନେଜ ଅବ୍ୟବସ୍ଥା, ଡାକ୍ତର ଅଭାବ ଆଦି ଦାବି ପୂରଣ ନେଇ ଭାଜପା ଜିଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ଅଶୋକ କୁମାର ସାହୁ, ଡ. ପ୍ରତାପ ଚନ୍ଦ୍ର ନାୟକଙ୍କ ସମେତ ଭାଜପା କର୍ମୀମାନେ ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ ସାମନ୍ତଙ୍କୁ ପ୍ରଦାନ କରିବା ସହ ଏ ଦିଗରେ ଧ୍ୟାନ ଦେବାକୁ କହିଥିଲେ।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଭଦ୍ରକ,୭।୨(ସନାତନ ରାଉତ)

ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଠଦିନିଆ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସରକାରଙ୍କର ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ୧୫୦ରୁ ଅଧିକ ବାଳିକାମାନଙ୍କୁ ନେଇ ଡ. ରାଜଶ୍ରୀ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣର ଆୟୋଜନ କରାଯାଇଥିଲା। ପ୍ରଶିକ୍ଷିକା ମନୋରମା ରାଉତ ଓ ହରିପ୍ରିୟା ନାୟକଙ୍କ ତତ୍ତ୍ୱାବଧାନରେ ବାଳିକାମାନେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ପ୍ରତି ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଏବଂ ସମାଜରେ ନାରୀ ସଶକ୍ତୀକରଣର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡ. କମଳାକାନ୍ତ ଜେନା, ରସାୟନ ବିଜ୍ଞାନ ବିଭାଗର ଡ. ଲକ୍ଷ୍ମୀକାନ୍ତ ନାୟକ ଓ ଇଂରାଜୀ ବିଭାଗର ଡ. ସନ୍ତୋଷ ସେଠୀ ଅନ୍ୟତମ ଅତିଥିଭାବେ ଯୋଗଦେଇ ଛାତ୍ରୀମାନେ ଶାରୀରିକ ଓ ମାନସିକସ୍ତରରେ ଦୃଢ଼ ହେଲେ ସୁନ୍ଦର ଭବିଷ୍ୟତ ଗଠନ ହୋଇପାରିବ ବୋଲି କହିଥିଲେ। ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଡ. ରାଜଶ୍ରୀ ତ୍ରିପାଠୀ ଶିବିର ସଞ୍ଚାଳନ କରିଥିବା ବେଳେ ପ୍ରଶାନ୍ତ ରାଉତରାୟ ସହାୟତା କରିଥିଲେ।



ଅତିଥିଙ୍କ ସହ ଛାତ୍ରୀମାନେ।

## ବିଦ୍ୟାଳୟର ବାର୍ଷିକୋତ୍ସବ

ଧାମନଗର,୭।୨(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଏନଏସି ଅଧୀନ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ଭାସ୍କର ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ବ୍ଲକ ଶିକ୍ଷାଧିକାରୀ ଗଦାଧର ଜେନା, ଅନ୍ୟତମ ଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଘଡ଼େଇ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟସୁନ୍ଦର ପରିଡ଼ା, ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସେନାପତି, ମହେଶ୍ୱର ସ୍ୱାଇଁ, ବିଦ୍ୟାଳୟ ପରିଚଳନା କମିଟି ସଭାପତି ପ୍ରହ୍ଲାଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ସମୀର କୁମାର ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୀ ପରିକ୍ରମା ପ୍ରକଳ୍ପ ବୁଲିବାକୁ ଗଲେ ୧୧୦୦ରୁ ଊର୍ଦ୍ଧ୍ୱ

ବାସୁଦେବପୁର,୭।୨ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଓ ପୌରପାଳିକା ଅଞ୍ଚଳରୁ ୧୧୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଧବାର ସକାଳେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ପାଇଁ ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରୁ ପୁରୀ ଅଭିମୁଖେ ଯାଇଛନ୍ତି। ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତରୁ ମୋଟ ୭୨୦ ଜଣ ବ୍ୟକ୍ତି ପ୍ରଶାସନ ପକ୍ଷରୁ ପ୍ରଦତ୍ତ ୨୧ଟି ବସ୍ ଓ ପୌରପାଳିକାର ୪୨୬ ଜଣଙ୍କ ପାଇଁ ୧୧ଟି ବସ୍‌ରେ ପୁରୀ ଅଭିମୁଖେ ଯାଇଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ସହ ଦିଅଁ ଦର୍ଶନ କରି ଏହି ଶ୍ରଦ୍ଧାଳୁମାନେ ପ୍ରଶାସନ ତତ୍ତ୍ୱାବଧାନରେ ରାତିରେ ଫେରିଆସିବେ। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡିଓ ସଞ୍ଜୀବ କୁମାର ସାହୁ ପ୍ରମୁଖ ତଦାରଖ କରିବା ସହ ଅରୁଆ ଚାଉଳ ଓ ଅର୍ପଣ ଗୁଆ ସାଙ୍ଗରେ ନେଇ ପୁରୀ ଯାଇଥିଲେ।

